# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**20 April – 2025**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ସିଭିଲ୍ ସର୍ଭିସ୍ ଡେ' ଉପଲକ୍ଷେ ଆସନ୍ତାକାଲି ପ୍ରଶାସନିକ ଅଧିକାରୀମାନଙ୍କୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ
- ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟଠାରେ ଆସନ୍ତାକାଲି ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀଙ୍କର ଜନଅଭିଯୋଗ ଶୁଣାଣି
- ତୃଣମୂଳସ୍ତରରେ କ୍ରୀଡା ଭିତ୍ତିଭୂମି ସୁଦୃଢ଼ କରିବା ଲକ୍ଷ୍ୟନେଇ ସମସ୍ତ ଜିଲ୍ଲାରେ ଖେଲୋ ଇଣ୍ଡିଆ କେନ୍ଦ୍ରଗୁଡ଼ିକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କଲେ କ୍ରୀଡାମନ୍ତ୍ରୀ

ଏବଂ

- କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି 'କଳିଙ୍ଗ ସୁପରକପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ'ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଷ୍ଟ ବେଙ୍ଗଲ୍ ଏଫ୍‌ସି ଏବଂ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ମୁକାବିଲା

## ସିଭିଲ୍ ସର୍ଭିସ୍ ଡେ'

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ସିଭିଲ୍ ସର୍ଭିସ୍ ଡେ' ଉପଲକ୍ଷେ ଦେଶର ସିଭିଲ୍ ସର୍ଭିସ୍ ଅଧିକାରୀମାନଙ୍କୁ ସମ୍ବୋଧନ କରିବେ। ୧୭ତମ ସିଭିଲ୍ ସର୍ଭିସ୍ ଡେ' ପାଳନ ଅବସରରେ ସାଧାରଣ ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ସମ୍ମାନିତ କରିବେ। ଜିଲ୍ଲାର ସାମଗ୍ରୀକ ବିକାଶ, ବ୍ଲକସ୍ତରୀୟ ଆକାଂକ୍ଷୀ କାର୍ଯ୍ୟକ୍ରମ, ନବସୃଜନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ପୁସ୍ତକ ଉନ୍ମୋଚନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ସମ୍ବଲପୁରଠାରେ ଆସନ୍ତାକାଲି ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଦୁର୍ଗାପାଲିସ୍ଥିତ ମହାନଗର ନିଗମ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ପାଇଁ ପ୍ରସ୍ତୁତି କରାଯାଇଛି। ଏହା ପୂର୍ବରୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବା ପରେ ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଶିବିରରେ ମୋଟ୍ ୧ ହଜାର ଲୋକଙ୍କର ଶୁଣାଣି କରାଯିବ। ଶୁଣାଣି ପୂର୍ବରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ମହାନଗର ନିଗମ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିର ପାଇଁ ବ୍ୟକ୍ତିଗତ ଅପେକ୍ଷା ଗୋଷ୍ଠିଗତ ଅଭିଯୋଗ ଅଧିକ ପଞ୍ଜୀକୃତ ହୋଇଛି।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଶ୍ରୀ ପୂଜାରୀ କହିଛନ୍ତି...

**-V/O-***(Suresh Pujari)*

ଏହି ଶିବିରରେ ୧୧ ଜଣ ମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ ଏବଂ ୧୦ଟି ଜିଲ୍ଲାର ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ରହିବେ।

## ଲେଖିକା ସମାରୋହ

ସାହିତ୍ୟିକମାନେ ସମାଜ ପରିବର୍ତ୍ତନର ସୂତ୍ରଧର ଓ ମାନବ କଲ୍ୟାଣର ମାର୍ଗଦର୍ଶକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ଓଡ଼ିଶା ଲେଖିକା ସଂସଦର ୩୨ତମ ସାରସ୍ୱତ ସମାରୋହରେ ଯୋଗଦେଇ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଲେଖିକାମାନଙ୍କୁ ସମ୍ମାନିତ କରିବା ସହ ଅନେକ ପୁସ୍ତକର ଉନ୍ମୋଚନ କରିଛନ୍ତି। ଏକ ସୁଦୃଢ଼ ଏବଂ ମୂଲ୍ୟବୋଧପୂର୍ଣ୍ଣ ସମାଜ ଗଠନ ପାଇଁ ସାହିତ୍ୟିକମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ। ଆମ ସଂସ୍କୃତି, ସମୟ ଓ ସମାଜର ଘଟଣାଗୁଡ଼ିକ ଲେଖିକାମାନଙ୍କ ଦ୍ୱାରା ଅଧିକ ଋଦ୍ଧିମନ୍ତ ହୋଇଥାଏ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

## ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଖୋର୍ଦ୍ଧାଜିଲ୍ଲା ସଦର ମହକୁମାରେ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ କଲ୍ୟାଣ ନିଗମ ଲିମିଟେଡ୍ ଦ୍ୱାରା ୩ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଆଇନ୍, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କାର୍ଯ୍ୟକ୍ରମରେ ଯୋଗଦେଇ

ଏକ ନିଶାମୁକ୍ତ ସଶକ୍ତ ସମାଜ ଗଠନରେ ଏହି କାର୍ଯ୍ୟାଳୟ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି କହିଛନ୍ତି।

## ୱେଭ୍ - ଏକ୍ସ

ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ-ୱେଭ୍ସ୍-୨୦୨୫ରେ ଭାଗ ନେବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ଲାଗି ଆସନ୍ତାକାଲିଠାରୁ ୩ ଦିନ ପାଇଁ ପୁନଃ ପଞ୍ଜୀକରଣ ଆରମ୍ଭ ହେବ। ଗଣମାଧ୍ୟମ ପ୍ରତିନିଧିମାନେ **app.wavesindia.org** ୱେବ୍ସାଇଟ୍ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଏଥିପାଇଁ ପ୍ରିଣ୍ଟ, ରେଡିଓ, ଟିଭି ସାମ୍ବାଦିକ, ଫଟୋଗ୍ରାଫର, ସ୍ୱତନ୍ତ୍ର ସାମ୍ବାଦିକ ଆଦି ଆବେଦନ କରିପାରିବେ। ସୂଚନା ଅନୁସାରେ, ମୁମ୍ବାଇରେ ଆସନ୍ତା ମାସ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ୱେଭ୍ସ୍‌ର ଆୟୋଜନ କରାଯାଉଛି ।

## ଖେଲୋ ଇଣ୍ଡିଆ

କେନ୍ଦ୍ର ସରକାରଙ୍କ ଯୁବବ୍ୟାପାର, କ୍ରୀଡା ମନ୍ତ୍ରଣାଳୟ ଓ ରାଜ୍ୟ କ୍ରୀଡା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଖେଲୋ ଇଣ୍ଡିଆ ସେଣ୍ଟର ଆଜି ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ସୂରଜ କହିଛନ୍ତି, ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡା ଭିତ୍ତିଭୂମି ଓ ପ୍ରତିଭାର ବିକାଶ ଲକ୍ଷ୍ୟ ନେଇ ଖେଲୋ ଇଣ୍ଡିଆ ସେଣ୍ଟର ନିର୍ମାଣ କରାଯାଉଛି। କ୍ରୀଡାବିତ୍‌ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବା ସହ ବିଭିନ୍ନ କ୍ରୀଡା ପାଇଁ ସୁଦୃଢ଼ ଭିତ୍ତିଭୂମି ଏବଂ ସମସ୍ତ ପ୍ରକାରର ସୁବିଧା-ସୁଯୋଗ ଖେଳାଳୀମାନଙ୍କୁ

ପ୍ରଦାନ କରାଯିବ। କ୍ରୀଡା କ୍ଷେତ୍ରରେ କ୍ୟାରିୟର ପାଇଁ ଏହି ସେଣ୍ଟରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ପ୍ରତି ସେଣ୍ଟର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟ ଏବଂ ସର୍ବଭାରତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଖେଳାଳୀ ଏହି ସେଣ୍ଟରଗୁଡ଼ିକରେ କୋଚ୍ ରହିବେ ବୋଲି ମନ୍ତ୍ରୀ କହିଛନ୍ତି।

## ପଇତାଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ହୁଣ୍ଡି ସ୍ଥାନାନ୍ତର ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପରିଚାଳନା ସମିତିର ଚୂଡାନ୍ତ ରିପୋର୍ଟ ଚଳିତମାସ ଶେଷ ସୁଦ୍ଧା ଜଣାପଡିବ। ହୁଣ୍ଡି ସ୍ଥାନାନ୍ତର ହେବାର ୨ ରୁ ୪ ଦିନ ଭିତରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି...

**-V/O-***(Pruthwiraj Harichandan)*

ଶ୍ରୀମନ୍ଦିରରେ ଆସନ୍ତାକାଲି ବୈଶାଖ କୃଷ୍ଣ ଅଷ୍ଟମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମଙ୍ଗଳବାର ଦିନ ମହାପ୍ରଭୁଙ୍କର ରାମାଭିଷେକ ନୀତି କରାଯିବା ସହ ବୁଧବାର ଦିନ ବନକଲାଗି ନୀତି ଅନୁଷ୍ଠିତ ହେବ। ଏହିସବୁ ବିଶେଷ ନୀତି ସମ୍ପାଦନକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ୨୪ ତାରିଖ ପର୍ଯ୍ୟନ୍ତ ୪ ଦିନ ପାଇଁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ବନ୍ଦ ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଧର୍ମେନ୍ଦ୍ର ପ୍ରଧାନ ବୌଦ୍ଧ ଗସ୍ତ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ **ବୌଦ୍ଧ** ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାର ସାମଗ୍ରୀକ ଉନ୍ନତି ଓ ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ସ୍ଥିତି ନେଇ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାର ମନମୁଣ୍ଡା, ଦହିଆ, ବାଉଁଶୁଣୀ, ସାହାଜପାଳ ଓ ବୌଦ୍ଧଠାରେ ଶ୍ରୀ ପ୍ରଧାନଙ୍କୁ  ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ବିଜେପି-ଆୱାରନେସ୍

ୱାକଫ୍  ସଂଶୋଧନ ଆଇନ ସଂପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜିଠାରୁ ଦେଶବ୍ୟାପୀ 'ୱାକ୍‌ଫ ସୁଧାର ଜନଜାଗରଣ ଅଭିଯାନ' ଆରମ୍ଭ କରାଯାଇଛି । ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ । ଏହି ଅଭିଯାନ ଅଧୀନରେ ଦଳୀୟ ନେତା ଏବଂ କର୍ମୀ ମୁସଲିମ ସମ୍ପ୍ରଦାୟଙ୍କ ସହ ସାକ୍ଷାତ୍ ଆଲୋଚନା କରି ୱାକ୍‌ଫ ସଂଶୋଧିତ ଆଇନ୍ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବେ ।

# ଇଷ୍ଟର ପର୍ବ

ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦିବସକୁ ସ୍ମରଣ କରି ସମଗ୍ର ବିଶ୍ୱରେ ଆଜି ଇଷ୍ଟର ପର୍ବ ପାଳନ କରାଯାଉଛି । ଶୁଭ ଶୁକ୍ରବାର ଦିନ କାଲ୍‌ଭାରୀ ଠାରେ ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କରାଯିବା ପରେ ରବିବାର ଦିନ ତାଙ୍କର ପୁନରୁତ୍ଥାନ ଦିବସ ପାଳନ କରାଯାଇଥାଏ । ଏହି ଅବସରରେ ବିଭିନ୍ନ ସ୍ଥାନରେ ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର ସମାବେଶ ହେଉଛି ।

## କଳିଙ୍ଗ ସୁପର୍ କପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ  କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି। ସର୍ବଭାରତୀୟ ଫୁଟବଲ ମହାସଂଘ, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୫ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାରେ ମୋହନ ବାଗାନ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଉଦ୍‌ଘାଟନୀ ମ୍ୟାଚ୍ ରାତି ୮ଟାରେ ଗତଥରର ଚାମ୍ପିଅନ୍ ଇଷ୍ଟ ବେଙ୍ଗଲ୍ ଏଫ୍‌ସି ଏବଂ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଖେଳାଯିବ। ଚଳିତ ଟୁର୍ଣ୍ଣାମେଣ୍ଟରେ ନକ୍‌ଆଉଟ୍ ଫର୍ମାଟରେ ଖେଳାଯିବ। ପ୍ରତିଯୋଗିତାର ପ୍ରି-କ୍ୱାଟର ଫାଇନାଲ୍ ମ୍ୟାଚ୍  ଆଜିଠାରୁ ୨୪ ତାରିଖ ପର୍ଯ୍ୟନ୍ତ, କ୍ୱାର୍ଟର ଫାଇନାଲ୍ ୨୬ ଓ ୨୭ ତାରିଖ, ସେମିଫାଇନାଲ୍ ୩୦ ତାରିଖ ଓ ଫାଇନାଲ୍ ମ୍ୟାଚ୍ ମେ’ ୩ ତାରିଖରେ ଖେଳାଯିବ।

## ପାଣିପାଗ

ରାଜ୍ୟର ଉତ୍ତର ଓ ଦକ୍ଷିଣାଞ୍ଚଳର କେତେକ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀଜନିତ ବଜ୍ରପାତ ଓ ଘଡଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। କଟକ ସମେତ ୧୭ଟି ଜିଲ୍ଲାରେ ଘଡଘଡ଼ି ସହ ବର୍ଷା ସମ୍ଭାବନା ରହିଛି।

*******************************